Chapter- 5

# ଛୋଟ ମୋର ଗାଆଁଟି

**STUDY NOTES**

## MIND MAP



କବିତା 'ଛୋଟ ମୋର ଗାଆଁଟି' କବିଙ୍କ ଅଖଣ୍ଡ ପଲ୍ଲୀପ୍ରୀତିର ପରିଚୟ ପ୍ରଦାନ କରେ । ଛୋଟ ଗାଆଁ କୁରୁଜଙ୍ଗରୁ ବାଲ୍ୟଜୀବନ ଆରମ୍ଭ କରି ସହରରେ ଉଚ୍ଚ ଶିକ୍ଷା ଲାଭ କରି ଓ କର୍ମ ଜୀବନ ସେହି ସହର ରେ ଅତିବାହିତ କରିଥିଲେ ମଧ୍ୟ ପଲ୍ଲୀଭୂମି ଜନ୍ମସ୍ଥାନ ପ୍ରତି କବିଙ୍କ ଆକର୍ଷଣ ଥିଲା ଅଧିକ । କର୍ମମୟ ଜୀବନରେ କ୍ଷଣିକ ଅବସର ସମୟଟିକୁ ମଧ୍ୟ ସେ ଗାଆଁ ମାଟିରେ କଟାଇବାକୁ ଭଲ ପାଉଥିଲେ । ଏ ପରି ସେହି ଜନ୍ମମାଟିରେ ଶେଷ ଜୀବନ ଅତିବାହିତ କରି ଇହଲୀଳା ସମ୍ବରଣ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । 'ଛୋଟ ମୋର ଗାଆଁଟି' କବିତାରେ କବି ନିଜ ଜନ୍ମଭୂମୀ ବଣ ପାହାଡ଼ ଶ୍ୟାମଳ ଶସ୍ୟ କ୍ଷେତ୍ର ନଦୀ ନାଳ ଗୋଚର ମନ୍ଦିର ସବୁ କିଛିର ଦୃଶ୍ୟ ବର୍ଣ୍ଣ ନା କରିଛନ୍ତି । ଏକ ପଲ୍ଲୀ ଗାଆଁର ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା କର୍ମମୟ ସରଳ ଗାଉଁଲି ଜୀବନର ନିଚ୍ଛକ ଚିତ୍ର ଦେଖିବାକୁ ମିଳେ ଏଇ କବିତାରେ ..... । ପଲ୍ଲୀ ଜୀବନର କୋମଳ ପରିବେଶ ଶାନ୍ତ ସରଳ ଜୀବନ ଓ ଲୀଳା-ଚପଳ ପ୍ରକୃତିର ରୂପମାଧୁରୀ କବିଙ୍କ ଲେଖନୀରେ ଜୀବନ୍ତ ହୋଇଉଠିଛି । ନିଜ ଗାଆଁ ମାଟିର ସବୁ କିଛି କବିଙ୍କର ଅତି ଆପଣାର । ଯେଉଁ ଭୂମିକୁ ପ୍ରଥମେ ସ୍ପର୍ଶ କରି ସେ ଦୁନିଆଁର ଆଲୋକ ଦେଖିଲେ, ଯାହାର ପାଣି ପବନ ତାଙ୍କ ଜୀବନ ଗଠନରେ ସହାୟକ ହୋଇଥିଲା ତାକୁ ସେ କିପରି ବା ଭୂଲି ପାରିବେ ? କବି ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ଯେ ଗାଆଁ ଭୂଇଁର ଫୁଲ ଫଳ ଗଛ ଲତା ବଣ ପାହାଡ଼ ଏ ପରି କି ପଲ୍ଲୀପ୍ରକୃତିର ପ୍ରତ୍ୟେକଟି ଉପାଦାନ ତାଙ୍କୁ ଜୀବନର ପଥ ପ୍ରଦର୍ଶନ କରିଛି ।